# ଆମ ବ୍ୟବସ୍ଥାର ଢଙ୍ଗ ଓ ରଙ୍ଗ

୨୪/୦୩/୨୦୦୯

**ଆମ ଘରର ହାଲଚାଲ୍**

ସୌମ୍ୟରଞ୍ଜନ ପଟ୍ଟନାୟକ

ବିଡିଏ ବିରୋଧରେ ଅନେକ ଅକ୍ଷମଣୀୟ ଅପରାଧର ଅଭିଯୋଗ ଶୁଣାଯାଉଥିଲେ ମଧ୍ୟ ସେ ଅଭିଯୋଗଗୁଡ଼ିକୁ ଆମ ବ୍ୟବସ୍ଥାର ବଡ଼ପଣ୍ଡାମାନେ ଯେଉଁଳି ଗ୍ରହଣ କରିଛନ୍ତି, ତାହା ଆଜି ଆମକୁ ଅଧିକ ବିବ୍ରତ କରୁଛି । ଆମ ବ୍ୟବସ୍ଥା ସମ୍ପର୍କରେ ଏହି ସ୍ତମ୍ଭରେ ଅତୀତରେ ଅନେକ ପ୍ରସଙ୍ଗ ଉପସ୍ଥାପିତ କରିଛୁ । ବରାବର ଗୋଟିଏ କଥା କହିବାକୁ ଚେଷ୍ଟା କରିଛୁ ଯେ, ଆମ ବ୍ୟବସ୍ଥାଟି ମୁଷ୍ଟିମେୟ ଲୋକମାନଙ୍କ କବଳରେ ରହି ସଂଖ୍ୟାଲଘୁ ଲୋକମାନଙ୍କ ସ୍ୱାର୍ଥ ସାଧନ କରିବାରେ ବ୍ୟବହୃତ ହେଉଛି । ବିଡିଏ ଦୁର୍ନୀତି ବ୍ୟାପାର ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି ଆମ ବ୍ୟବସ୍ଥାର ଏହି ଚରିତ୍ରକୁ ପ୍ରମାଣିତ କରୁଛି ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ରାଜଧାନୀ ସହରକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ି ତୋଳିବା ନିମନ୍ତେ ଗଠନ କରାଯାଇଥିଲା । ରାଜଧାନୀ ସହରଟି ସବୁବେଳେ ଅନ୍ୟ ସହରାଞ୍ଚଳ ଅପେକ୍ଷା ଅଧିକ ମହତ୍ତ୍ୱ ରଖେ । ଓଡ଼ିଶା ଭଳି ଏକ ଦରିଦ୍ର ରାଜ୍ୟରେ ରାଜନୀତିସର୍ବସ୍ୱ ପରିବେଶରେ ରାଜଧାନୀ ସହରର ଗୁରୁତ୍ୱ ବଢ଼ିବା ସ୍ୱାଭାବିକ । ମାତ୍ର ୪୦ ହଜାର ଲୋକସଂଖ୍ୟା ପାଇଁ ପରିକଳ୍ପିତ ହୋଇଥିବା ଭୁବନେଶ୍ୱର ସହର ଆଜି ୮ ଲକ୍ଷରୁ ଊର୍ଦ୍ଧ୍ୱ ଜନରାଶିକୁ ଧାରଣ କରୁଛି । ପ୍ରତ୍ୟେକ ଶିକ୍ଷିତ ସଫଳ ଓଡ଼ିଆର ରାଜଧାନୀ ସହର ପ୍ରତି ମୋହ ଅତୁଟ ରହିଲେ ସହରର ଲୋକସଂଖ୍ୟା ଚଳିତ ଦଶନ୍ଧିରେ ୧୫ ଲକ୍ଷକୁ ବି ଟପିଯିବ । ଏଭଳି ଏକ ପରିସ୍ଥିତିରେ ବିଡିଏର ଭୂମିକା ଏବଂ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭୁବନେଶ୍ୱରର ପ୍ରତି ଇଞ୍ଚେ ଜମିର ମୂଲ୍ୟ ବିଗତ ବର୍ଷମାନଙ୍କରେ ଆଶାତୀତ ଭାବେ ବଢ଼ିଛି ଏବଂ ନିର୍ମାଣ ସଂସ୍ଥାମାନଙ୍କୁ ଅର୍ଥ ଉପାର୍ଜନ କରିବାର ଅପୂର୍ବ ସୁଯୋଗ ଜୁଟେଇଦେଇଛି । ନିର୍ମାଣ କାର୍ଯ୍ୟ ପୂର୍ବ ପରିକଳ୍ପନା ଅନୁଯାୟୀ ଯୋଜନାବଦ୍ଧ ଭାବରେ ନ ହେଲେ କିମ୍ବା ଏଥିରେ ଆବଶ୍ୟକ ନିୟନ୍ତ୍ରଣ ଓ ଅଙ୍କୁଶ ନ ରହିଲେ ନିଶ୍ଚିତ ଭାବରେ ବିଭ୍ରାଟ ସୃଷ୍ଟି ହେବ । ଏହା ଆସ୍ତେ ଆସ୍ତେ ଆମେ ଅନୁଭବ କରିବାକୁ ଆରମ୍ଭ କଲୁଣି । ୧୦ ବର୍ଷ ତଳେ ହୁଏତ ଏ ଅନୁଭବ ନଥିଲା । ୩୦ ବର୍ଷ ତଳେ ତ ବଡ଼ ହାକିମ ଓ ଶିଳ୍ପୋଦ୍ୟୋଗୀଙ୍କୁ ଡାକିଆଣି ସରକାର ଯୌତୁକ ଦେଲାଭଳି ଜମି ଯୋଗାଇ ଦେଉଥିଲେ । ଆଜି କିନ୍ତୁ ସେ ଅବସ୍ଥା ଆଉ ନାହିଁ । ସୀମିତ ଜମିକୁ ଯୋଜନାବଦ୍ଧ ଭାବରେ ସାମଗ୍ରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ୟବହାର କରିବାର ନୀତି ନିର୍ଦ୍ଧାରଣର ଆବଶ୍ୟକତା ଅଛି । ଆଲୁଅ, ପାଣି ଓ ପବନକୁ ସମାନ ଭାବରେ ବାଣ୍ଟିବାର ଅନ୍ୟନାମ ନଗର ସଭ୍ୟତା ଏବଂ ଏହା ହିଁ ଏହି ନୀତିର ମୂଳତତ୍ତ୍ୱ ହେବା ଉଚିତ । ବିଡିଏ ଯେ, ଏ ଦାୟିତ୍ୱ ତୁଲେଇବା ପାଇଁ ସମର୍ଥ ହୋଇନାହିଁ - ଏକଥା ଆଜି ଆଉ କାହାରିକୁ ଅଛପା ନାହିଁ । ଭୁଲଟିଏ କରିବା ଯେତେବଡ଼ ଅପରାଧ ନୁହେଁ, ତା'ଠାରୁ ବଡ଼ ଅପରାଧ ହେଲା- ଭୁଲଟିକୁ ଘଷ ଘୋଡ଼ାଇବା ଏବଂ କଳ, ବଳ ଓ କୌଶଳ ପ୍ରୟୋଗ କରି ଦୋଷଦର୍ଶୀମାନଙ୍କୁ ଚୁପ୍ କରାଇବା ସହ ନିଜକୁ ନିର୍ଦ୍ଦୋଷ ବୋଲି କହି ମୁହଁ ଫୁଟାଣି ମାରିବା । ଏ ପ୍ରକାର ଅପରାଧପ୍ରବଣତା ଆମ ବ୍ୟବସ୍ଥାରେ ଯଥେଷ୍ଟ ବଢ଼ିଯାଇଛି । ଏହି ଅପରାଧୀମାନଙ୍କ ମଧ୍ୟରେ ଅଛନ୍ତି ଉଭୟ ସରକାର ଓ ବିରୋଧୀ ଦଳ, ସେମାନଙ୍କୁ ଭୁଆଁ ବୁଲଉଥିବା କୁଚକ୍ରୀ ଅମଲାତନ୍ତ୍ର ଏବଂ ଏମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରୁଥିବା ବ୍ୟବସାୟୀ, ଠିକାଦାର ଏବଂ ଦଲାଲମାନେ । ଆଜି ଏମାନେ ସମସ୍ତେ ଏକଜୁଟ ହୋଇ ଏକ ଅସାଧୁ ମେଣ୍ଟ କରିଛନ୍ତି । ସେଥିପାଇଁ ଅଭିଯୋଗ ଯେତେ ଗୁରୁତର ହେଲେ ମଧ୍ୟ କୌଣସି କ୍ରିୟା ପ୍ରତିକ୍ରିୟା ନାହିଁ । ଯାହା ପାଖରେ ଅଭିଯୋଗ କରିବ, ସେ ତ ନିଜେ ଜଣେ ଦୋଷୀ । ପ୍ରତିକାର ହେବ ବା କିପରି ? ଉଭୟ ସରକାରୀ ଓ ବିରୋଧୀ ଦଳର ନେତୃମଣ୍ଡଳୀ ଏଥିରେ ସମ୍ପୃକ୍ତ ଥିବାରୁ ବିଧାନସଭାରେ ମଧ୍ୟ ଏ ସମ୍ପର୍କରେ କୌଣସି ଗୁଞ୍ଜରଣ ନାହିଁ । ଅମଲାତନ୍ତ୍ରୀମାନେ ତ ପରସ୍ପରକୁ ସୁରକ୍ଷା ଦେବାରେ ବ୍ୟସ୍ତ । ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ଉଣାଅଧିକେ ଏ ମେଣ୍ଟରେ ସାମିଲ ହୋଇଯାଇଛନ୍ତି ।

ଏଭଳି ଏକ ପରିସ୍ଥିତିରେ ଆମ ସମସ୍ତଙ୍କର କର୍ତ୍ତବ୍ୟ କ'ଣ ? ଗଣମାଧ୍ୟମ ହିସାବରେ ତଥ୍ୟ, ପ୍ରମାଣ ସହ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ବାଦପତ୍ରର ଦାୟିତ୍ୱ ବୋଲି ଆମେ ମନେକରୁ । କିନ୍ତୁ ଯାହାଙ୍କ ସାକ୍ଷାତକାରରୁ ଏ ବିବାଦ ମୁଣ୍ଡ ଟେକିଲା, ତାଙ୍କର କ'ଣ କିଛି ଦାୟିତ୍ୱ ନାହିଁ? ପ୍ୟାରୀମୋହନ ମହାପାତ୍ର ସର୍ବଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ କର୍ମଚାରୀ । ଦୀର୍ଘ ପ୍ରଶାସନିକ ଜୀବନରେ ସେ ବହୁ ଦାୟିତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଛନ୍ତି । ଶେଷ ୧୦ ବର୍ଷ ରାଜ୍ୟର ନିର୍ବାଚନ ପରିଚାଳନାର ଦାୟିତ୍ୱ ବହନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଶାସନ ସଚିବ ଭାବରେ ସେ ବ୍ୟବସ୍ଥାକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇଛନ୍ତି । ତାଙ୍କର ମତମନ୍ତବ୍ୟକୁ ହାଲୁକା କରି ଦେଖିହେବ ନାହିଁ । ଗୋଟିଏ ଦୈନିକ ସମ୍ବାଦପତ୍ରକୁ ସାକ୍ଷାତକାର ଦେଇ ସେ ନିଶ୍ଚିତଭାବରେ ଆମ ବ୍ୟବସ୍ଥା ପାଇଁ କିଛି ଉପକାର କରିଛନ୍ତି । ଏହି ଉପକାରକୁ ଓଡ଼ିଶାବାସୀ ମନେରଖିବେ, ଯଦି ସେ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀମାନଙ୍କର ନାମ ପ୍ରକାଶ କରିବାପାଇଁ ସାହସ କରିବେ । ତା'ନହେଲେ ତାଙ୍କ ସାକ୍ଷାତକାରର କୌଣସି ମୂଲ୍ୟ ରହିବନାହିଁ । ସେହିପରି ସରକାରୀ ଏବଂ ବିରୋଧୀ ଦଳର ସଭ୍ୟମାନେ ଯଦି ଏ ଅଭିଯୋଗକୁ ଏଡ଼ାଇ ଚାଲିଯିବେ, ତା'ହେଲେ ଆମର ଉତ୍ତରପୁରୁଷମାନେ ତାଙ୍କୁ ଆଡ଼ନୟନରେ ବି ଚାହିଁବେ ନାହିଁ । ଓଲଟା ଭୁବନେଶ୍ୱର ସହରକୁ ଧର୍ଷଣ କରିଥିବା ଅଭିଯୋଗରେ ଆମ ସମସ୍ତଙ୍କୁ ଅଭିଯୁକ୍ତ କରିବେ । ଏ ଧର୍ଷଣ ଅଭିଯୋଗର ବିଚାର ତ ଦିନେ ନା ଦିନେ ହେବ । କିନ୍ତୁ ସାଧାରଣ ନାଗରିକମାନେ ସଂଗଠିତ ହୋଇ ଯଦି ବିକଳ୍ପ କଥା ଚିନ୍ତା ନ କରିବେ, ତେବେ ନ୍ୟାୟ ପାଇବା ସମୟସାପେକ୍ଷ ହୋଇଯିବ ।

ବିଡିଏର ଏ ଅବସ୍ଥା ଏବଂ ଢଙ୍ଗ ରଙ୍ଗ ଆଜି ଆମର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରଭାବିତ କରିଛି । ଏ ବ୍ୟବସ୍ଥାର ଢଙ୍ଗ ଏବଂ ରଙ୍ଗକୁ ବଦଳାଇବାକୁ ହେଲେ କିଛି କଠୋର ନିଷ୍ପତ୍ତି ନେବାକୁ ପଡ଼ିବ । ଜଗନ୍ନାଥଙ୍କର ରଥ ଯେତେବେଳେ ଟଣାହୁଏ, ଚକତଳେ କାହାର ମୁଣ୍ଡ ଆସିବ, ସେକଥା ଟାଣୁଥିବା ଭକ୍ତ ଚିନ୍ତା କରେନାହିଁ । ଆଜି ଓଡ଼ିଶା ଶାସନର ଡୋରି, ଓଡ଼ିଶାର ଦାରିଦ୍ର୍ୟ ଦୂର କରିବାର ଦାୟିତ୍ୱ ଓ ଭୁବନେଶ୍ୱର ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବାର ସଂକଳ୍ପ ସେହିମାନେ ନିଅନ୍ତୁ, ଯେଉଁମାନଙ୍କ ପାଖରେ ଏ ପ୍ରକାର ମାନସିକତା ଅଛି । ଅନ୍ୟଥା ଆମର ଉତ୍ତରପୁରୁଷମାନେ ଆମକୁ କେବେ କ୍ଷମା ଦେବେନାହିଁ ।